# Akashvani, Sambalpur

# SAMBALPURI NEWS BULLETIN

## 9 June 2025- 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ-ସାଂସଦ୍, ବିଧାୟକ୍ ସମ୍ମିଳନୀ  ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ସର୍‌କାର୍‌ଙ୍କର୍ ବଛର୍ ପୂର୍ତି ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ସାଂସଦ୍ ଆଉ ବିଧାୟକ୍ ସମ୍ମିଳନୀଥି ଉଦ୍‌ବୋଧନ୍ ଦେଇକରି ରାଜ୍ୟ ସର୍‌କାର୍‌ଙ୍କର୍ ଗୁଟେ ବଛ୍‌ରର୍ ଉପଲବ୍ଧି ବାବ୍‌ଦେ କହିଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍, ଗଲା ବଛ୍‌ରେ ଭିତ୍‌ରେ ଚାଷୀଙ୍କର୍ ଠାନୁ ମୁଲ୍ କରିକରି ଗାଁର୍ କାରିଗର୍, ଶ୍ରେଣୀ କୋଠା ଛାତ୍ରଙ୍କର୍ ଠାନୁ ମୁଲ୍ କରିକରି ଉଦ୍ୟୋଗୀତକ୍ ସବୁ ନାଗରିକଙ୍କୁ ସଶକ୍ତ କର୍‌ବାର୍ ଦିଗେ କାମ୍ କରାଯାଇଛେ । ଦେଶେ ୪ ଟା ଜାଏତ୍ ଗରିବ, ଅନ୍ନଦାତା, ଯୁବଗୋଷ୍ଠୀ ଆଉ ମହିଳା ଅଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହେସନ୍ । ଇ ଚାର୍‌ହି ଜାଏତ୍‌କେ ହିଁ ମୁଖ୍ୟ ହିତାଧିକାରୀ ଭାବେ ବାଛିକରି ରାଜ୍ୟ ସର୍‌କାର୍ ଖସଡ଼ା ତିଆର୍ କରିଛନ୍ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ । ସେ ଆହୁରି କହିଛନ୍, ରାଜ୍ୟର୍ ସମ୍ବଲ୍‌କେ ନଜର୍‌ଥି ରଖିକରି ଖାଲି ଗୁଟେ ବଛର୍ ନୁହେଁ, ସମୃଦ୍ଧ ଓଡ଼ିଶା ଗଠନ୍ ଲାଗି ଯୋଜ୍‌ନା ତିଆର୍

କରାଯାଇଛେ । ଯୋଜ୍‌ନାର୍ ୪ ଟା ସ୍ତମ୍ଭ ଜୀବନ୍, ଜୀବିକା, ଭିତିଭୂମି, ସାମାଜିକ୍ ସୁରକ୍ଷା, ଓଡ଼ିଆ ଅସ୍ମିତାକେ ଆଧାର୍ କରିକରି ରାଜ୍ୟ ସର୍‌କାର୍ ପହେଲା ବଜେଟ୍ ବନେଇଥିଲେ । ଶିଳ୍ପାୟନ୍, ସହରୀ ବିକାଶ୍, ଶିକ୍ଷା, ସ୍ୱାସ୍ଥ୍ୟ, ନାରୀ ସଶକ୍ତିକରଣ୍, ପଛୁଆ ବର୍ଗଙ୍କର୍ କଲ୍ୟାଣ୍, ରୋଜ୍‌ଗାର୍‌କେ ଭିଲ୍ ସର୍‌କାର୍ ନଜର୍‌ଥି ରଖିକରି ଯୋଜ୍‌ନା ବନେଇଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ମୁଖ୍ୟମନ୍ତ୍ରୀ- କେନ୍ଦ୍ରାପଡ଼ା ଗସ୍ତ ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ କେନ୍ଦ୍ରାପଡ଼ା ଗସ୍ତ କରିକରି ଜିଲ୍ଲା ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ । ମୁଖ୍ୟମନ୍ତ୍ରୀ ଜିଲ୍ଲା ନ ହେବାର୍‌କେ ଥିବା ତ୍ରିରଙ୍ଗା ଶୋଭାଯାତ୍ରାଥି ସାମିଲ୍ ହେବାର୍ ସହେତେ ଜିଲ୍ଲା ନ ଚାଲିଥିବା ଭିନ୍ ଭିନ୍ ଉନ୍ନୟନ୍ ପ୍ରକଳ୍ପର୍ ସମୀକ୍ଷା କର୍‌ବେ । ଇତାର୍‌ସହେତେ ବଳଦେବ୍ ଜୀଉଙ୍କର୍ ଦର୍ଶନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ଦେବସ୍ନାନ ପୂର୍ଣ୍ଣିମା ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା କାଏଲ୍ ହେଉଛେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା । ଶ୍ରୀକ୍ଷେତ୍ର ପୁରୀ ନ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରତ୍ନବେଦୀ ନୁ ସ୍ନାନବେଦୀକେ ନିଆଯାଇକରି ଶହେ ୮ ଗରିଆ ପବିତ୍ର ଜଲ୍‌ଥି ସ୍ନାନ କରାଯିବା । ସ୍ନାନପୂର୍ଣ୍ଣିମା ଆଉ ମାହାପୁରୁମାନ୍‌କର୍ ହାତୀବେଶ ଦେଖିବାର୍ ଲାଗି ପୁରୀନୁ ଆଏଜ୍‌ଠାନୁ ଶ୍ରଦ୍ଧାଲୁଙ୍କର୍ ଭିଡ୍ ଲାଗ୍‌ଲାନ । ଇତାକେ ନଜର୍‌ଥି ରଖିକରି ଜିଲ୍ଲା ପୁଲିସ୍ ପ୍ରଶାସନ୍ ତର୍‌ଫୁ ବ୍ୟାପକ୍ ପ୍ରସ୍ତୁତି କରାଯାଇଛେ । ସ୍ନାନପୂର୍ଣ୍ଣିମାକେ ଶୃଙ୍ଖଲିତ୍ ଭାବେ କର୍‌ବାର୍ ଲାଗି ଇ ବଛର୍ କୃତ୍ରିମ ବୁଦ୍ଧିମତା ଏ.ଆଇ. ଜରିଏ ଭିଡ୍‌କେ ନିୟନ୍ତ୍ରଣ୍ କରାଯିବା ବଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନିତ୍ ଅଗ୍ରଓ୍ୱାଲ୍ କହିଛନ୍ ।

ବିର୍ସାମୁଣ୍ଡା ତିରୋଧାନ୍ ଦିବସ୍ I&PR

ଭୁବ୍‌ନେଶ୍ୱର୍ ବିଧାନ୍‌ସଭା ପରିସର୍ ନ ଆଏଜ୍ ଶହୀଦ୍ ବିର୍ସାମୁଣ୍ଡାଙ୍କର୍ ତିରୋଧାନ୍ ଦିବସ୍ କାର୍ଯ୍ୟକ୍ରମ୍ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଆଉ ଅଲ୍‌ଗା ଅତିଥି ମାନେ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ପରିସର୍ ନ ଥିବା ଶହୀଦ୍‌ଙ୍କର୍ ପ୍ରତିମୂର୍ତ୍ତିଥି ମାଲ୍ୟାର୍ପଣ୍ କର୍‌ବେ ।

ରାଜସ୍ୱ ମନ୍ତ୍ରୀ-ସମ୍ବର୍ଦ୍ଧନା ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଇନ୍‌ଜୀବୀମାନେ ବ୍ୟବସ୍ଥାପିକାଥି ପ୍ରତିନିଧିତ୍ୱ କଲେ ଲୋକାଭିମୁଖୀ ଆଇନ୍ ଅନାଯାଇପାର୍‌ବା ଆର୍ ସଠିକ୍ କାର୍ଯ୍ୟକାରୀ ହେଇପାର୍‌ବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ ଓକିଲ ସଂଘର୍ ନବନିର୍ବାଚିତ କର୍ମକର୍ତାମାନ୍‌କୁ ସମ୍ୱର୍ଦ୍ଧନା ଦେଇକରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍, ରାଏଜେ ଅତ୍ୟାଧୁନିକ୍ ଆଡ୍‌ଭୋକେଟ୍ ଏକାଡେମୀ ଆଉ ଆଇନ୍‌ଜୀବୀମାନ୍‌କୁ ସ୍ୱାସ୍ଥ୍ୟବୀମା ଯୁଗେଇ ଦେବାର୍‌କେ ପଦକ୍ଷେପ୍ ନେଉଛନ୍ । ସେନ୍ତା ନିଖିଳ ଓଡ଼ିଶା ଆଇନ୍‌ଜୀବୀ ସଂଘ ଲାଗି ଆଇନ୍‌ଜୀବୀ ଭବନ୍ ତିଆର୍ କର୍‌ବାର୍‌କେ ଜମି ଯୁଗେଇ ଦେବାର୍ ଲାଗି ଭିଲ୍ ଯୋଜ୍‌ନା କରୁଛନ୍ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ଛାତ୍ରଛାତ୍ରୀ-୨ ଟା ପୂର୍ଣ୍ଣକାଳୀନ ପାଠ ଆର୍‌ଏନ୍‌ୟୁ/ ସମ୍ବଲପୁର

ଛାତ୍ରଛାତ୍ରୀମାନ୍‌କୁ ଏକାସାଙ୍ଗେ ୨ ଟା ପୂର୍ଣ୍ଣକାଳୀନ ପାଠ୍ ପଢ୍‌ବାର୍ ସୁଯୋଗ୍ ଦେବାର୍ ଲାଗି ୟୁଜିସି ତର୍‌ଫୁ ମାର୍ଗଦର୍ଶିକା ଜାରି କରାଯାଇଛେ । ମାର୍ଗଦର୍ଶିକା ଅନ୍‌ସାରେ ଛାତ୍ରଛାତ୍ରୀମାନେ ଚାହେଁଲେ ଏକାସାଙ୍ଗେ ୨ ଟା ପୂର୍ଣ୍ଣକାଳୀନ ପାଠ୍ୟକ୍ରମ୍ ଫିଜିକାଲ୍ ମୋଡ୍‌ଥି ପଢ଼ିପାର୍‌ବେ । ସେନ୍ତା ଗୁଟେ ପୂର୍ଣ୍ଣକାଳୀନ ଫିଜିକାଲ୍ ମୋଡ୍ ଆଉଗୁଟେ

ଅନ୍‌ଲାଇନ୍ ମୋଡ୍‌ଥି ୟୁଜିସି ଅନୁମୋଦିତ୍ ଶିକ୍ଷାନୁଷ୍ଠାନ୍ କି କେନ୍ଦ୍ର ସର୍‌କାର୍‌ଙ୍କର୍ ଅଧୀନ୍‌ଥି ଥିବା ଶିକ୍ଷାନୁଷ୍ଠାନ୍ ମାନ୍‌କେ କରିପାର୍‌ବେ ବଲି ଇଥି କୁହାଯାଇଛେ ।

କରୋନା ଆକ୍ରାନ୍ତ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଗଲାକାଏଲ୍ ଆଉ ୪ ଝନ୍ ନୂଆଁ କରୋନା ଆକ୍ରାନ୍ତ ଚିହ୍ନଟ୍ ହେଇଛନ୍ । ଇତାକେ ମିଶେଇକରି ରାଏଜେ କରୋନା ରୋଗୀଙ୍କର୍ ସଂଖ୍ୟା ୪୯ କେ ବଢ଼ିଛେ । ସଂକ୍ରମିତଙ୍କର୍ ସଂଖ୍ୟା ବଢୁଥିବାର୍‌ନୁ କେନ୍ଦ୍ର ସର୍‌କାର୍‌ଙ୍କର୍ ନିର୍ଦ୍ଦେଶ୍ ଅନ୍‌ସାରେ ରାଜ୍ୟର୍ ଭିନ୍ ଭିନ୍ ଡାକ୍ତର୍‌ଖାନାମାନ୍‌କେ ମକ୍‌ଡ୍ରିଲ୍ କରାଯାଉଥିବାର୍ ଜନାପଡ଼ିଛେ । ଲୁକ୍‌କୁ ମାସ୍କ ପିନ୍ଧ୍‌ବାର୍ ସହେତେ ଭିଡ୍ ଭିତର୍‌କେ ନାଇଁ ଯିବାର୍‌କେ ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ପରାମର୍ଶ ଦିଆଯାଉଛେ ।

ବିକଶିତ କୃଷି ସଂକଳ୍ପ ଅଭିଯାନ କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା କଲମ୍‌ପୁର୍ ବ୍ଲକ୍ ଇଚ୍ଛାପୁର୍ ଆଉ କୋଟା ଗାଁ ଠାନେ ବିକଶିତ କୃଷି ସଂକଳ୍ପ ଅଭିଯାନ୍‌ଥି ୨ ଟା ଖେପେ କାର୍ଯ୍ୟକ୍ରମ୍ ମାନ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଧାନ୍ ଗବେଷଣା କେନ୍ଦ୍ରର୍ ବୈଜ୍ଞାନିକ୍,

କୃଷି ବିଜ୍ଞାନ୍ କେନ୍ଦ୍ରର୍ ବିଶେଷଜ୍ଞ ମାନେ ଯୋଗ୍ ଦେଇକରି ଚାଷୀମାନ୍‌କର୍ ଲାଗି ଥିବା କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ ବୁଝାବାର୍ ସହେତେ ନୂଆଁ କୃଷି ପ୍ରଣାଲୀ, ମାଟିର୍ ସ୍ୱାସ୍ଥ୍ୟ ପରିଚାଲନା, ପ୍ରଯୁକ୍ତି ବିଦ୍ୟାର୍ ବେଭାର୍ ବାଗିର୍ ବିଷେଥି କହିଥିଲେ । ଇ ଅବ୍‌ସରେ କୃଷି ସଚେତନତା ରଥ କୃଷକ୍ ବନ୍ଧୁମାନ୍‌କୁ ସଚେତନ୍ କରିଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପୂର୍ବ ଆଉ ତାର୍ ପାଖର୍ ପୂର୍ବ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ ବନିଥିବା ଘୂର୍ଣ୍ଣିବଳୟ ଆଗ୍‌କେ ଲଘୁଚାପ୍‌ଥି ବଦ୍‌ଲିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଇତାର୍ ପ୍ରଭାବ୍‌ଥି ଆଏଜ୍ ରାଜ୍ୟର୍ ବଡ୍‌ଭାଗୀ ଜିଲ୍ଲା ନ ଘଡ୍‌ଘଡ଼ି ସହେତେ ହାଲ୍‌କା ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେଇପାରେ । ଇଥିର୍‌ଲାଗି ୨୬ ଟା ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।